# ୧୯

# କମ୍ପାନୀ ଶାସନକୁ ଜନବିରୋଧ

ଭାରତରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନକାଳର ପ୍ରାରମ୍ଭିକ ବର୍ଷମାନଙ୍କରେ ଅନେକ ବିପ୍ଲବ ଏବଂ ବିଦ୍ରୋହ ଦେଖା ଦେଇଥିଲା । ୧୭୫୦ ମସିହାଠାରୁ ୧୮୫୦ ମସିହା ପର୍ଯ୍ୟନ୍ତ ଏକ ଶହ ବର୍ଷ ମଧ୍ୟରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତକୁ ଉପନିବେଶରେ ରୂପାନ୍ତରୀତ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥିଲା । ଏହି ସମୟ ମଧ୍ୟରେ ଭାରତରେ ବ୍ରିଟିଶ ଦ୍ୱାରା ଅନେକ ନୀତି ଗ୍ରହଣ କରାଯାଇଥିଲା । ଯାହା ମୁଖ୍ୟତଃ ବ୍ରିଟିଶ ହିତ ନିମିତ୍ତ ଉଦ୍ଦିଷ୍ଟ ଥିଲା । ପରୀକ୍ଷାମୂଳକ ଭାବେ ଅନେକ ଭୂରାଜସ୍ୱ ଆଇନ ପ୍ରଣୀତ ହେଲା । ଏହା କୃଷକମାନଙ୍କୁ ଅନେକ ଜାତନା ଦେଇଥିଲା । ସ୍ଥାନୀୟ ପ୍ରଶାସନ ନିର୍ଦ୍ଧନ ଗ୍ରାମୀଣମାନଙ୍କୁ ସହାୟତା ଏବଂ ସ୍ୱାଭାବିକ ନ୍ୟାୟ ଦେବାରେ ବିଫଳ ହେଲା । ଏହି ପାଠରେ ଆମ୍ଭେ ଜାଣିବା କି ଔପନିବେଶିକ ପ୍ରଶାସନର କୃଷକ ଏବଂ ଆଦିବାସି ଲୋକମାନେ କିପରି ଦୁଃଖ ଭୋଗ କଲେ ତଥା ସେମାନେ କାହିଁକି ବିଦ୍ରୋହ କଲେ ? ମହତ୍ୱପୂର୍ଣ୍ଣ ଗଣ ସଂଘର୍ଷର ସଂକ୍ଷିପ୍ତ ଦର୍ଶନ ଦ୍ୱାରା ଆମ୍ଭେ ଏହି ବିପ୍ଳବର ସ୍ୱରୂପ ଓ ମହତ୍ୱର ବିଶ୍ଳେଷଣ କରିପାରିବା । ୧୮୫୭ର ବିଦ୍ରୋହ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ, କାରଣ ଇଂରେଜ ଶାସନ ବିରୁଦ୍ଧରେ ଉକ୍ତ ଏକିକୃତ ଆନ୍ଦୋଳନରେ ପ୍ରଥମ ଥର ବିଭିନ୍ନ ଜାତି, ଧର୍ମ ଏବଂ ବର୍ଗ ପୃଷ୍ଠଭୂମିର ଲୋକ ଏକଜୁଟ ହୋଇଥିଲେ ।

## ଉଦ୍ଦେଶ୍ୟ

ଏହି ପାଠର ଅଧ୍ୟୟନ କରିବା ପରେ ତୁମେ:

- ୧୮୫୭ ପର୍ଯ୍ୟନ୍ତ ହୋଇଥିବା ଗଣ ବିପ୍ଳବର ପୃଷ୍ଠଭୂମି ସମ୍ପର୍କରେ ଚର୍ଚ୍ଚା କରି ପାରିବ ।
- ଏହି ବିଦ୍ରୋହର ସ୍ୱରୂପ ଏବଂ ମହତ୍ୱର ବାଖ୍ୟା କରିପାରିବ ।
- ଏହାର ସମସ୍ୟାକୁ ଚିହ୍ନି ପାରିବ, ଯେଉଁ କାରଣରୁ ୧୮୫୭ର ବିଦ୍ରୋହ ହେଲା ଏବଂ
- ୧୮୫୭ର ବିଦ୍ରୋହର ସାର୍ଥକତା ଏବଂ ମହତ୍ୱ ବିଶ୍ଳେଷଣ କରି ପାରିବ ।

## ୧୯.୧ ଗଣ ବିଦ୍ରୋହ ପାଇଁ ଦାୟି ପରିସ୍ଥିତି

ପ୍ରାରମ୍ଭିକ ପାଠରେ ଆମେ ପଢ଼ିଲୁ ଯେ ଭାରତରେ ବ୍ରିଟିଶ ଶାସନରେ ଭାରତୀୟମାନଙ୍କ ସାମାଜିକ ଏବଂ ଆର୍ଥିକ ଜୀବନରେ ଅନେକ ପରିବର୍ତ୍ତନ ହେଲା । ଔଦ୍ୟୋଗିକ କ୍ରାନ୍ତି (ଏ ସମ୍ପର୍କରେ ଆମ୍ଭେ ଆସନ୍ତା ପାଠରେ ଆହୁରି ଅଧିକ ଜାଣିବା)ରେ ଚାଲୁଥିବା ଇଂଲଣ୍ଡକୁ ଅନ୍ୟ ରାଷ୍ଟ୍ରରେ କଞ୍ଚାମାଲ ଏବଂ ବଜାର ଖୋଜିବା ଆବଶ୍ୟକ ହୋଇଗଲା । ଏହି ଆବଶ୍ୟକତା ଭାରତରେ ଔପନିବେଶିକ ଶାସକମାନଙ୍କ ହିତପାଇଁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଗତିଶୀଳ

କରାଗଲା । ଆସନ୍ତୁ ଆମେ ଏହି ସମୟ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଆସିଥିବା କିଛି ମହତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡ଼ିକୁ ସ୍ମରଣ କରିବା ।

- ସମ୍ପତ୍ତି ସମ୍ବନ୍ଧିତ ନୂତନ ନିୟମ ଉପସ୍ଥାପନା କରାଗଲା ଏବଂ ଭୂମିକୁ ବିକ୍ରି ଯୋଗ୍ୟ ବସ୍ତୁ କରାଗଲା ।
- ଭୂମିର ବ୍ୟକ୍ତିଗତ ମାଲିକାନାକୁ ମାନ୍ୟତା ପ୍ରଦାନ କରାଗଲା ଏବଂ ଜମିର ମାଲିକ ଏବଂ ଚାଷି ମାନଙ୍କ ମଧ୍ୟରେ ଅନେକ ମଧ୍ୟସ୍ଥ ଆସିଗଲେ ।
- ବ୍ରିଟିଶ ପୁଞ୍ଜିପତିମାନଙ୍କୁ ଲାଭ ଦେବା ପାଇଁ ଖାଦ୍ୟ ଫସଲ ପରିବର୍ତ୍ତେ ବାଣିଜ୍ୟିକ ଫସଲକୁ ପ୍ରୋତ୍ସାହିତ କରାଗଲା ।
- ବଣିକ, ଅମଲା, ଜମିଦାରମାନଙ୍କ ଦ୍ୱାରା ଜମିରେ ଫଟକା କାରବାର ଏବଂ ପୁଞ୍ଜିନିବେଶ କରିବା ଫଳରେ ଦୂରସ୍ଥ ଭୂ-ସ୍ୱାମୀ ପରିପାଟୀର ଉଦ୍ଭବ ହେଲା ।
- ବର୍ଦ୍ଧିତ କର ବୃଦ୍ଧିରେ କୃଷକ ସହଜରେ ରାଜସ୍ୱ ସଂଗ୍ରହକର୍ତ୍ତା, ବ୍ୟାପାରି ଏବଂ ସାହୁକାରମାନଙ୍କର ଶିକାର ହୋଇଗଲେ ।
- ଭାରତରୁ ଇଂଲଣ୍ଡକୁ ଧନର ସ୍ଥାନାନ୍ତକରଣ ଏକ ସାମାନ୍ୟ କଥା ହୋଇଗଲା ।
- ବ୍ରିଟେନରେ ଉତ୍ପାଦିତ ବସ୍ତୁଗୁଡ଼ିକ ବଜାରରେ ସ୍ଥାନ ଦେବା ପାଇଁ ସ୍ଥାନୀୟ ଉଦ୍ୟୋଗକୁ ଚପାଇ ଦିଆଗଲା ।
- ବ୍ରିଟିଶ ସରକାରଙ୍କ ଭୂ-ରାଜସ୍ୱ ନୀତିର କାରଣ ହେତୁ ଆଦିବାସୀମାନେ ଜମି ଉପରେ ନିଜର ପରମ୍ପରାଗତ ଅଧିକାରକୁ ହରେଇ ବସିଲେ ।

ଏହି ସବୁ ପରିବର୍ତ୍ତନ ଯୋଗୁଁ ଗ୍ରାମୀଣ ସମାଜ ବିଶେଷ ଭାବରେ କୃଷକ ଏବଂ ଆଦିବାସୀମାନଙ୍କୁ ଭୟଙ୍କର ଧକ୍କା ଲାଗିଲା । କୃଷକମାନଙ୍କ ପାଇଁ କୃଷି ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ଢ଼ାଞ୍ଚାରେ ନୂତନ ପରିବର୍ତ୍ତନର ଅର୍ଥ କୃଷକକୁ ଅଧିକରୁ ଅଧିକ ତଥା ବ୍ୟବସ୍ଥିତ ଶୋଷଣ ଥିଲା ।

ପୁନଃ ସ୍ମରଣ କରାଯାଉ, ଔପନିବେଶିକ ଶାସକଙ୍କ ଦ୍ୱାରା ଉଚ୍ଚ ଦରରେ ନିର୍ଦ୍ଧାରିତ ରାଜସ୍ୱ ଠିକ୍ ସମୟରେ ଅସୁଲ କରିବାର ଉଦ୍ଦେଶ୍ୟ ଥିଲା । ରାଜସ୍ୱ ଠୁଳ କରିବା ପାଇଁ ଲାଗିଥିବା ଜମିଦାର ଏବଂ ଅନ୍ୟ ବ୍ୟକ୍ତିମାନଙ୍କର, କୃଷକମାନଙ୍କର ରାଜସ୍ୱ ପଇଠ କରିବା କ୍ଷମତା ରହିଛି କି ନାହିଁ ସେଥିରେ ସେମାନଙ୍କର କୌଣସି ଉଦ୍ଦେଶ୍ୟ ନଥିଲା ଏବଂ ଏମାନେ ଜବରଦସ୍ତ ଖଜଣା ଅସୁଲ କରୁଥିଲେ । ବର୍ଦ୍ଧିତ କରର ଚାହିଦାକୁ ପୁରା କରିବାକୁ କୃଷକ ତାର ଜମି ବିକ୍ରି କରିବାକୁ ବାଧ୍ୟ ହୋଇଯାଉଥିଲା ଅଥବା ସାହୁକାରମାନଙ୍କ ଚକଡରେ ଫସି ଯାଉଥିଲା । ସ୍ଥାନୀୟ ପ୍ରଶାସନ ପାଖରୁ ନ୍ୟାୟର ଆଶା କରାଯାଉ ନଥିଲା । କାରଣ ଏମାନେ ଧନୀ ଲୋକଙ୍କ ପ୍ରଭାବରେ ଥିଲେ । ଏହି ପ୍ରକାର ଔପନିବେଶିକ ଶାସନ କାଳରେ କର୍ମଚାରୀ, ଭୂ-ସ୍ୱାମୀ ଏବଂ ସାହୁକାର କୃଷକମାନଙ୍କୁ ଶୋଷଣ କରିବାକୁ ଏକଜୁଟ ହୋଇଗଲେ । ସନ ୧୭୭୦ରେ ବଙ୍ଗଳାରେ ପଡ଼ିଥିବା ଦୁର୍ଭିକ୍ଷ, ଗ୍ରାମୀର ସମାଜ ପ୍ରତି ବ୍ରିଟିଶ ନୀତିର ବିଧ୍ୱଂସକାରୀ ପରିଣାମର ଏକ ଲିଖିତ ସାକ୍ଷ ଥିଲା । ଅର୍ଥ ବ୍ୟବସ୍ଥାର ଉପନିବେଶନ ସହିତ ସ୍ଥାନୀୟ ଶାସନ ଏବଂ ସମାଜରେ ବ୍ରିଟିଶ ପରିବର୍ତ୍ତନ ଆଣିଲେ ଏବଂ ତାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଏବଂ ଆନ୍ଦୋଳନ ସୃଷ୍ଟି କଲା । ବିଭିନ୍ନ ପରିସ୍ଥିତିରେ ସଙ୍କଟମୟ ଅବସ୍ଥା ବିଦ୍ରୋହର ରୂପ ନେଲା ।



ନୋଟସ୍



### ପାଠ୍ୟଗତ ପ୍ରଶ୍ନ - ୧୯.୧

୧. ଭାରତୀୟ କୃଷକମାନେ ବ୍ରିଟିଶ ସରକାରଙ୍କ ଦ୍ୱାରା କର ବୃଦ୍ଧିର ଆବଶ୍ୟକତାକୁ କିପରି ପୁରା କଲେ ?

..................................................................................................

୨. ଔପନିବେଶିକ ଶାସନ ଅନ୍ତର୍ଗତ କୃଷକମାନଙ୍କୁ ଶୋଷଣ କରିବା ପାଇଁ କେଉଁ କେଉଁ ଏଜେନସିଗୁଡିକ ଗଠବନ୍ଧନ କରିଥିଲେ ?

..................................................................................................

## ୧୯.୨ ମୁଖ୍ୟ ବିଦ୍ରୋହ

ବ୍ରିଟିଶ ସରକାରଙ୍କୁ ପ୍ରାରମ୍ଭିକ ବିରୋଧର ସ୍ୱରୂପ ଏବଂ ମହତ୍ୱକୁ ବିଶ୍ଳେଷଣ କରିବା ପୂର୍ବରୁ ଆମେ କେତେକ ବିଦ୍ରୋହ ବିଷୟରେ ଜାଣିବା ଠିକ୍ ହେବ । ୧୭୬୦ ମସିହାଠାରୁ ୧୮୫୭ର ବିଦ୍ରୋହ ପର୍ଯ୍ୟନ୍ତ ଭାରତରେ ବିଭିନ୍ନ ଭାଗରେ କେତେକ ବିଦ୍ରୋହ ହୋଇଥିଲା । ଏହି ବିଦ୍ରୋହ ଉପରେ ଆମେ ଦୁଇଟି ଶ୍ରେଣୀ, କୃଷକ ବିଦ୍ରୋହ ତଥା ଆଦିବାସୀ ବିଦ୍ରୋହ ଉପରେ ଚର୍ଚ୍ଚା କରିବା ।

### ୧. କୃଷକ ବିଦ୍ରୋହ

କର ବୃଦ୍ଧି ଭାର ଭୂ-ସମ୍ପତ୍ତିରୁ ବେଦଖଲ ଏବଂ ବଙ୍ଗଳାରେ ପଡିଥିବା ଦୁର୍ଭିକ୍ଷ ଯୋଗୁଁ କୃଷକମାନଙ୍କର ଏକ ବୃହତ୍ତ ବର୍ଗ ନିର୍ଦ୍ଧନ ହୋଇଗଲେ । ସମ୍ପତ୍ତିରୁ ବେଦଖଲ ହୋଇଥିବା ଅନେକ ଲୋକ ସନ୍ନ୍ୟାସୀ ଏବଂ ଫକୀର ହୋଇଗଲେ । ଯଦିଚ ଏମାନେ ଧାର୍ମିକ ଭିକାରୀ ଥିଲେ ତଥାପି ଏମାନେ ଅମୀରମାନଙ୍କର ଖାଦ୍ୟ ଶସ୍ୟ ଗୋଦାମ ଏବଂ ସ୍ଥାନୀୟ ସରକାରଙ୍କ କୋଷାଗାରକୁ ଲୁଟ୍ କଲେ । ଏହି ସନ୍ନ୍ୟାସୀମାନେ ଅନେକ ସମୟରେ ସେମାନଙ୍କର ସମ୍ପତ୍ତି ଗରିବମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ତଥା ସେମାନେ ସେମାନଙ୍କର ନିଜସ୍ୱ ସରକାର ଗଠନ କରୁଥିଲେ । ଏହା ସତ୍ତ୍ୱେ ସେମାନେ ବ୍ରିଟିଶ ଶାସକଙ୍କ ଶକ୍ତ ଦମନମୂଳକ ପଦକ୍ଷେପ ସମ୍ମୁଖରେ ସେମାନଙ୍କର ଆନ୍ଦୋଳନକୁ ଦୀର୍ଘଦିନ ଜାରି ରଖି ପାରିଲେ ନାହିଁ । ବଙ୍କିମ ଚନ୍ଦ୍ର 'ସନ୍ନ୍ୟାସୀ ଆନ୍ଦୋଳନ'କୁ ଚିରଞ୍ଜିବି ରଖିବା ପାଇଁ 'ଆନନ୍ଦ ମଠ' ନାମକ ଏକ ଉପନ୍ୟାସ ରଚନା କରିଥିଲେ ।

ରଙ୍ଗପୁର ଏବଂ ଦିନାଜପୁର ନାମକ ବଙ୍ଗଳାର ଦୁଇଟି ଜିଲ୍ଲାର କୃଷକମାନେ ରାଜସ୍ୱ ଠିକାଦାରମାନଙ୍କ ଅତ୍ୟାଚାରରେ ଦୁଃଖ ପାଇଲେ । ଏମିତି ଜଣେ ରାଜସ୍ୱ ଠିକାଦାର, ଦେବୀ ସିଂହ କର ଆଦାୟ କରିବା ପାଇଁ କୃଷକମାନଙ୍କ ଉପରେ ଅତ୍ୟାଚାର କରି ଭୟ ସଞ୍ଚାର କରିଥିଲେ । ଯେତେବେଳେ ବ୍ରିଟିଶ ଅଧିକାରୀମାନେ କୃଷକମାନଙ୍କୁ ରକ୍ଷା କରିବା ପାଇଁ ବିଫଳ ହେଲେ ସେତେବେଳେ କୃଷକମାନେ ଆଇନକୁ ନିଜ ହାତକୁ ନେଇଗଲେ । ସେମାନେ ସରକାରଙ୍କ ସ୍ଥାନୀୟ କଚେରୀ ତଥା ଠିକାଦାର ଏବଂ ସରକାରୀ କର୍ମଚାରୀମାନଙ୍କ ଗୋଦାମଗୁଡିକ ଉପରେ ଆକ୍ରମଣ କଲେ । ବିଦ୍ରୋହୀମାନେ ସ୍ୱୟଂ ନିଜର ସରକାର ଗଢ଼ିଲେ ତଥା କମ୍ପାନୀ ଏଜେଣ୍ଟଗୁଡିକୁ ରାଜସ୍ୱ ପ୍ରଦାନ କରିବା ବନ୍ଦ କରିଦେଲେ । ଏହି ବିଦ୍ରୋହ ୧୭୮୩ରେ ହେଲା ।



ନୋଟସ୍

ପରିଶେଷରେ ବିଦ୍ରୋହଗୁଡ଼ିକ କମ୍ପାନୀ ଅଧିକାରୀମାନଙ୍କ ନିକଟରେ ସମର୍ପଣ କରିବାକୁ ବାଧ ହେଲେ ।

ଦକ୍ଷିଣ ଭାରତରେ ମଧ ସ୍ଥିତି ପରିସ୍ଥିତି ଭିନ୍ନ ନଥିଲା । ବେଦଖଲ ହୋଇଥିବା ଭୂ-ସ୍ୱାମୀମାନେ ଏବଂ ବିସ୍ଥାପିତ କୃଷକମାନେ ବିଦ୍ରୋହ କଲେ । ତାମିଲନାଡୁର ମାଲାବାର ଉପକୂଳ ଏବଂ ତଟୀୟ ଆନ୍ଧ୍ରପ୍ରଦେଶର ପୋଲିଗାରମାନେ ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ଏବଂ ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଔପନିବେଶିକ ସରକାର ବିରୁଦ୍ଧରେ ବିଦ୍ରୋହ କରିଥିଲେ । ମାଲାବାରର ମାପଲିଅସ ବିଦ୍ରୋହ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ମାଲାବାରର ମାପିଲା ଏଠାରେ ବସତି କରିଥିବା ଆରବ ଜାତିର ଲୋକମାନଙ୍କର ବଂଶଜ ଥିଲେ ଏବଂ ସେମାନେ ଧର୍ମ ପରିବର୍ତ୍ତନ କରି ହିନ୍ଦୁ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଜମିର ଚାଷ କରୁଥିବା ରୟତ, ଭୂମିହୀନ ଶ୍ରମିକ, ଛୋଟ ଛୋଟ ବ୍ୟବସାୟୀ ତଥା ମାଛଧରାଳି ଥିଲେ । ବ୍ରିଟିଶ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଅନ୍ତିମ ଦଶକରେ ମାଲାବାର ଉପରେ ବିଜୟ ତଥା ମାଲାବାରରେ ବ୍ରିଟିଶ ଭୂ-ରାଜସ୍ୱ ପ୍ରଶାସନ ପ୍ରାରମ୍ଭ ହେବା ସହିତ ମାପିଲାମାନେ କ୍ରୋଧୀତ ହୋଇଗଲେ । ଅତ୍ୟଧୀକ କର ନିର୍ଦ୍ଧାରଣ, ଅବୈଧ କର, ଜମିରୁ ବେଦଖଲୀ ଓ ଭୂ-ସମ୍ପତ୍ତି ଅଧିକାରରେ ପରିବର୍ତ୍ତନ ଇତ୍ୟାଦି ଅସନ୍ତୋଷ ବୃଦ୍ଧିର କାରଣ ଥିଲା । ଏଇଥିପାଇଁ ସେମାନେ ବ୍ରିଟିଶ ଏବଂ ଭୂ-ସ୍ୱାମୀମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଧାର୍ମିକ ଗୁରୁମାନେ ମାପିଲା ମାନଙ୍କର ଏକତାକୁ ମଜବୁତ କରିବାକୁ ଏବଂ ବ୍ରିଟିଶ ବିରୁଦ୍ଧ ଚେତନାର ବିକାଶ କରିବାରେ ସହାୟତା କଲେ । ଏହି ମାପିଲାମାନଙ୍କୁ ଔପନିବେଶିକ ଶାସକମାନଙ୍କ ଦ୍ୱାରା ଦମନ କରାଗଲା ।

ଉତ୍ତର ଭାରତର ପଶ୍ଚିମ ଉତ୍ତର ପ୍ରଦେଶ ଏବଂ ହରିଆନାର ଜାଠମାନେ ସନ ୧୮୨୪ରେ ବିଦ୍ରୋହ କଲେ । ପଶ୍ଚିମ ଭାରତରେ ମହାରାଷ୍ଟ୍ର ବିଦ୍ରୋହର ସର୍ବସାଧାରଣ କେନ୍ଦ୍ର ଥିଲା ତଥା ଗୁଜରାଟରେ କୁଲିମାନେ ବିଦ୍ରୋହ କଲେ । ଆମେ କିଶାନ ବିଦ୍ରୋହର ସୂଚୀରେ ଆହୁରି ଅଧିକ କିଛି ସମ୍ମିଳିତ କରିପାରିବୁ ମାତ୍ର ଏବେ ଆମେ ଆଦିବାସୀ ବିଦ୍ରୋହର ଅବଲୋକନ କରିବା ।

### ୨. ଆଦିବାସୀ ବିଦ୍ରୋହ

ଔପନିବେଶିକ ଶାସନର ସ୍ଥାପନାରେ ଆଦିବାସୀମାନେ ମଧ୍ୟ ପ୍ରଭାବିତ ହୋଇଥିଲେ । ଜନସମୁଦାୟ ମୁଖ୍ୟ ଧାରାରୁ ଅଲଗା ରହୁଥିବା ଆଦିବାସୀ ନିଜର ସଂସ୍କାରରେ ରହୁଥିଲେ ଏବଂ ସେମାନଙ୍କର ନିଜର ପରମ୍ପରା ଏବଂ ରୀତି-ନୀତି ଲାଗୁ ହେଉଥିଲା । ଔପନିବେଶିକ ସରକାର ଆଦିବାସୀମାନଙ୍କର ଭୂମି ଦଖଲ କରିନେଲେ ଏବଂ ଆଦିବାସୀମାନଙ୍କଠାରୁ ଜୋର ଜବରଦସ୍ତି ଜମି ଛଡାଇ ନେଲେ । ଆଦିବାସୀ ସେମାନଙ୍କର ଭୂମି ଉପରେ ଔପନିବେଶିକ ପ୍ରଶାସନର ପ୍ରବେଶ ପାଇଁ ସେମାନେ କ୍ରୋଧିତ ହେଲେ । ଉଦାହରଣ ସ୍ୱରୂପ ଖନ-ଦେଶର ଭିଲ ଏବଂ ସିଂହଭୂମିର କୋହ୍ଲମାନେ ସେମାନଙ୍କର ସ୍ଥାନୀୟ ଶାସକମାନଙ୍କ ଶାସନରୁ ସ୍ୱତନ୍ତ୍ର ଥିଲେ । କିନ୍ତୁ ସେମାନଙ୍କ ଅଞ୍ଚଳ ବ୍ରିଟିଶମାନଙ୍କ କବଳିତ ହେବା ଦ୍ୱାରା ସେହି ଆଦିବାସୀ ଭୂମି ଉପରେ ବ୍ୟାପାରି, ସାହୁକାର ଏବଂ ବ୍ରିଟିଶ ପ୍ରଶାସନର ପ୍ରବେଶ ଫଳରେ ଆଦିବାସୀ ମୁଖିଆମାନଙ୍କର ଅଧିକାର ହ୍ରାସ ହେଲା । ଏହି କାରଣରୁ ଆଦିବାସୀ ନେତାମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ ତଥା ସେମାନେ ଆଦିବାସୀ କ୍ଷେତ୍ରରେ ସମସ୍ତ ବହିଃ ବ୍ୟାପାରିମାନଙ୍କୁ ଆକ୍ରମଣର ଲକ୍ଷ୍ୟ ପ୍ରସ୍ତୁତ କଲେ । ବ୍ରିଟିଶ ସରକାର ଦ୍ୱାରା ଏହି ବିଦ୍ରୋହଗୁଡ଼ିକୁ ଦମନ କରାଗଲା ।





ଏହି ପ୍ରକାର ସାନ୍ତାଳ ଜନଜାତିର ଲୋକମାନେ ବଙ୍ଗଳା, ବିହାର ଏବଂ ଓଡିଶା ସୀମାରେ ଏକ ବୃହତ୍ତ ଭୂଭାଗରେ ରହୁଥିଲେ । ସେମାନଙ୍କର ଜୀବନ ଜିବୀକା ଜଙ୍ଗଲର ବନସ୍ପତି ଏବଂ ପ୍ରାଣୀମାନଙ୍କ ଉପରେ ନିର୍ଭର ଥିଲା । ବ୍ରିଟିଶ ଶାସନ ପ୍ରାରମ୍ଭ ହେବାପରେ ସେମାନେ ସେହି ଭୂମି ଉପରେ କୃଷିକାର୍ଯ୍ୟ ଆରମ୍ଭ କଲେ ସେତେବେଳେ ସେମାନଙ୍କଠାରୁ ସେହି ଜମି ଜୋରଜବରଦସ୍ତ ଛଡାଇ ନିଆ ଯାଉଥିଲା । ଏହିପରି ସେମାନଙ୍କ ଜମି ଉପରେ ଭୂସ୍ୱାମୀ ବ୍ୟାପାରୀ ଏବଂ ସାହୁକାରମାନଙ୍କ ପ୍ରବେଶରେ ସାଧାରଣ ଜୀବନଯାପନ କରୁଥିବା ସାନ୍ତାଳମାନେ ଦୁର୍ଦ୍ଦଶା ଭୋଗ କରି ଅତ୍ୟାଚାର ସହିବାକୁ ଲାଗିଲେ । ଏହି ଅତ୍ୟାଚାର ଫଳରେ ସାନ୍ତାଳମାନଙ୍କୁ ସେମାନଙ୍କର ଅସ୍ତ୍ର ଉଠାଇବା ପାଇଁ ବାଧ କଲା ଏବଂ ସେମାନେ ସିଦ୍ଧୁ ଏବଂ କାହ୍ନୁ ନାମକ ଦୁଇ ଭାଇଙ୍କୁ ସେମାନଙ୍କର ନେତା କଲେ । ସେମାନେ ବିଶ୍ୱାସ କରୁଥିଲେ ଯେ ସିଦ୍ଧୁ ଏବଂ କାହ୍ନୁ ଦୁଇ ଭାଇଙ୍କୁ ଦେବତାମାନଙ୍କର ଏପରି ଆଶିର୍ବାଦ ପ୍ରାପ୍ତ ହୋଇଛି ଯେ ସେମାନେ ଆଦିବାସୀଙ୍କର ଦୁର୍ଦ୍ଦଶାକୁ ସମାପ୍ତ କରିଦେବେ । ସେମାନେ ସେମାନଙ୍କର ଜମି ଫେରସ୍ତ ନେବା ପାଇଁ ଏବଂ ନିଜର ସରକାର ନିଜେ ସ୍ଥାପନ କରିବା ପାଇଁ ନିର୍ଣ୍ଣୟ କଲେ । ଏହି ବିଦ୍ରୋହୀ ସାନ୍ତାଳମାନଙ୍କୁ ଗୋପାଳ, ତେଲି, କମାର ଏବଂ ଅନ୍ୟ ସ୍ଥାନୀୟ ଗରିବ ଲୋକମାନଙ୍କର ସମର୍ଥନ ପ୍ରାପ୍ତ ଥିଲା । ବିଦ୍ରୋହୀ ସାନ୍ତାଳ ପରିଶେଷରେ ବ୍ରିଟିଶର ନିର୍ଦ୍ଦୟତାପୂର୍ଣ୍ଣ ଅତ୍ୟାଚାର ଆଗରେ ବିଫଳ ହୋଇଥିଲେ ।

## ୧୯.୩ ପ୍ରାରମ୍ଭିକ ବିଦ୍ରୋହର ସ୍ୱରୂପ ଏବଂ ମହତ୍ୱ

ଉପରୋକ୍ତ ଗଣ ବିଦ୍ରୋହର ବର୍ଣ୍ଣନାରୁ ଏହି ବିଦ୍ରୋହମାନଙ୍କର ସ୍ୱରୂପ ସମ୍ପର୍କରେ କେତେକ ବିନ୍ଦୁଗୁଡିକୁ ସ୍ପଷ୍ଟ କରୁଛି ।

- ବିଦ୍ରୋହୀମାନଙ୍କର କାର୍ଯ୍ୟ ଏହା ପ୍ରମାଣିତ କରୁଛି ଯେ ସେମାନଙ୍କୁ ସେମାନଙ୍କର ସ୍ୱାର୍ଥ ଏବଂ ସେମାନଙ୍କର ଶତ୍ରୁଙ୍କ ସମ୍ପର୍କରେ ସ୍ପଷ୍ଟ ଜ୍ଞାନ ଥିଲା । କୃଷକ ଏବଂ ଆଦିବାସୀ ବିରୋଧ ଆନ୍ଦୋଳନର କିଛି ବିଶେଷତା ସେମାନଙ୍କ ଭିତରେ ଜନ୍ମିଥିବା ରାଜନୈତିକ ଏବଂ ସାମାଜିକ ସଚେତନତାର ଏକ ନିଶ୍ଚିତ ସ୍ତରକୁ ଦର୍ଶାଉଅଛି ।

- ଅନେକ କ୍ଷେତ୍ରରେ ସ୍ଥାନୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ କାରଣରୁ ବିଦ୍ରୋହ ଆରମ୍ଭ ହୋଇଥାଇପାରେ । ମାତ୍ର ଏହି ଆନ୍ଦୋଳନର ପ୍ରସାର ସମୟରେ ଏହାର ଉଦ୍ଦେଶ୍ୟ ଆହୁରି ବ୍ୟାପକ ହୋଇଗଲା । ଆନ୍ଦୋଳନର ପ୍ରାରମ୍ଭିକ କାରଣ ସ୍ଥାନୀୟ ଭୂମି ମାଲିକ, ମାଲିକମାନଙ୍କ ଦ୍ୱାରା ଦମନାତ୍ମକ ଥିବା ବେଳେ, ଥରେ ଏହି ଆନ୍ଦୋଳନ ଆରମ୍ଭ ହୋଇଗଲେ ଏହାର ପରିସମାପ୍ତି ବ୍ରିଟିଶ ସାମ୍ରାଜ୍ୟ ପ୍ରତି ବିରୋଧର ରୂପ ନେଉଥିଲା ।

- ଧାର୍ମିକ ବିଶ୍ୱାସ, ଜାତୀୟ ସମ୍ବନ୍ଧ ଏବଂ ପରମ୍ପରା, କୃଷକମାନଙ୍କୁ ଏକଜୁଟ ହେବାପାଇଁ ତଥା ସେମାନଙ୍କର ଏକତାକୁ ସୁଦୃଢକରିବାରେ ସକାରାତ୍ମକ ଭୂମିକା ଲିଭାଇଲା । ଅନେକ ଥର ନିଜର ଅତୀତର ସୁଖଦ ବିଚାର ବିଦ୍ରୋହୀମାନଙ୍କୁ ସେମାନଙ୍କର ହଜି ଯାଇଥିବା ଅତୀତକୁ ଫେରି ପାଇବା ପାଇଁ ପ୍ରେରିତ କଲା । ଅତୀତର ସ୍ମରଣ ମୁଖ୍ୟତଃ ବିଦ୍ରୋହୀଙ୍କ ନିମିତ୍ତ ଶୋଷଣ ଏବଂ ଅତ୍ୟାଚାରର ପୀଡାରୁ ମୁକ୍ତି ପ୍ରାପ୍ତି ଥିଲା ।

- ବିଦ୍ରୋହ, ଆଇନ ଶୃଙ୍ଖଳା ଏବଂ ଅପରାଧକୁ ଏକ ସଂଜ୍ଞା ଦେବା ପାଇଁ ଶାସକ ବର୍ଗଙ୍କ ଦ୍ୱାରା ପଦକ୍ଷେପ ନିଆଗଲା । ଏହା କୃଷକମାନଙ୍କର ଅସୁବିଧାକୁ ଶୁଣିବା, ବୁଝିବା ଏବଂ



ନୋଟସ୍

ସେମାନଙ୍କର ପ୍ରତିରୋଧ ଅଧିକାରକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱିକାର କରିବା ଅଟେ । କୃଷକ ଆଦିବାସୀମାନଙ୍କ କାର୍ଯ୍ୟ ପ୍ରଣାଳୀକୁ ସେମାନଙ୍କର ନିଜ ଢ଼ଙ୍ଗରେ ବୁଝିବା ଆବଶ୍ୟକ ଅଟେ ।

- ଯାହା ହେଉନା କାହିଁକି ବିଦ୍ରୋହ ପୁରୁଣା ଢ଼ାଞ୍ଚାର ପୁନଃପ୍ରବର୍ତ୍ତନ ବ୍ୟତୀତ କୌଣସି ଭବିଷ୍ୟତ ଯୋଜନା ନଥିଲା । ସେମାନଙ୍କର ସ୍ୱଚ୍ଛନିଷ୍ଠ ଅଭିପ୍ରାୟ ସଂକୀର୍ଣ୍ଣ ବୈଶିକ ବିଚାର ପରିବର୍ତ୍ତେ ବିଦ୍ରୋହ ଔପନିବେଶିକ ଶାସନର ଲୋକପ୍ରିୟତା ଗୁଣକୁ ନିଶ୍ଚିତ ଭାବେ ପ୍ରକାଶ କଲା ।

**ପାଠଗତ ପ୍ରଶ୍ନ ୧୯.୨**

୧. ସାନ୍ତାଳ ବିଦ୍ରୋହ କେଉଁ କ୍ଷେତ୍ରରେ ହୋଇଥିଲା ?

..............................................................................................

୨. କେଉଁ ଉପନ୍ୟାସରେ ସନ୍ୟାସୀ ବିଦ୍ରୋହକୁ ଚିରସ୍ମରଣୀୟ କଲା ?

..............................................................................................

## ୧୯.୪ ୧୮୫୭ ବିଦ୍ରୋହର କାରଣ ଏବଂ କାର୍ଯ୍ୟ ପ୍ରଣାଳୀ

ପ୍ରାରମ୍ଭିକ ଭାଗରେ ଆମେ ପଢ଼ିଲୁ ଯେ ବିଭିନ୍ନ ସମୟରେ ଭାରତର ବିଭିନ୍ନ ଭାଗରେ ବ୍ରିଟିଶ ସାମ୍ରାଜ୍ୟକୁ ଗଣ-ବିଦ୍ରୋହ ଗୁଡିକ କିପରି ଆହ୍ୱାନ ଦେଲେ । ଆମେ ପ୍ରଥମ ଥର ପାଇଁ ଦେଖିଲୁ ୧୮୫୭ରେ ବ୍ରିଟିଶ ବିଜୟ ବିରୁଦ୍ଧରେ ସମାଜରେ ଅନ୍ୟ କିଛି ବର୍ଗଙ୍କ ସହିତ ଅସନ୍ତୁଷ୍ଟ କୃଷକ ଆନ୍ଦୋଳନରେ ସମାଜର ବିଭିନ୍ନ ବର୍ଗ ଏକଜୁଟ ହୋଇଗଲେ । କେତେକ ଐତିହାସିକ ୧୮୫୭ ଘଟଣାକୁ ଜାତୀୟବାଦର ପ୍ରାରମ୍ଭିକ ଅଭିବ୍ୟକ୍ତି ବୋଲି ବୁଝୁଥିଲେ ।

### ବିଦ୍ରୋହର କାରଣ

କେତେକ ନିର୍ଦ୍ଦିଷ୍ଟ ଅଭିଯୋଗ ପ୍ରକୃତରେ ବ୍ରିଟିଶ ରାଜ ବିରୁଦ୍ଧରେ ଜନ ଅସନ୍ତୋଷକୁ କ୍ଷୀପ୍ର କରିଥିଲା ଏବଂ ତାହା ୧୮୫୭ ବିପ୍ଳବକୁ ଆଗେଇ ନେଇଥିଲା । ଏହି ବିପ୍ଳବ ମେ ୧୦ ତାରିଖ ଦିନ ମିରୁଠରେ ପ୍ରାରମ୍ଭ ହେଲା ଯେତେବେଳେ ସିପାହୀମାନେ ବିଦ୍ରୋହ କଲେ ଏବଂ ଶେଷ ମୋଗଲ ବାଦଶାହ ଦ୍ୱିତୀୟଙ୍କ ସିଂହାସନରେ ବସାଇବା ପାଇଁ ଦିଲ୍ଲୀ ଆଡକୁ ଅଗ୍ରସର ହେଲେ । ସିପାହୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଏହି ବିଦ୍ରୋହ ବହୁତ ଶୀଘ୍ର ସମାଜର ଅନ୍ୟ ବର୍ଗ ମାନଙ୍କ ମଧ୍ୟରେ ସମ୍ପ୍ରସାରଣ ହୋଇଗଲା । ଏଭଳି କାହିଁକି ହେଲା ? ବ୍ରିଟିଶ ସରକାରଙ୍କ ଦ୍ୱାରା ଭୂରାଜସ୍ୱ ଏବଂ ରାଜସ୍ୱର ବର୍ଦ୍ଧିତ ପ୍ରଣାଳୀ ଏବଂ ପ୍ରଶାସନିକ ଢ଼ାଞ୍ଚାରେ ପରିବର୍ତ୍ତନ କରିବା ଫଳରେ ସ୍ଥାନୀୟ ଜନସମୁଦାୟ ଏହାର ସ୍ଥିତିକୁ ଅସ୍ୱୀକାର କଲେ । ଲର୍ଡ ଡେଲହାଉସୀଙ୍କର ସଂଯୋଜନ ନୀତି ଏବଂ ପରିସମାପ୍ତି ସିଦ୍ଧାନ୍ତ ବିଶେଷ ଭାବରେ ଅବଧ ଓ ଉତ୍ତର ଏବଂ ମଧ୍ୟ ଭାରତର ଅନ୍ୟ ଭାଗ ସଂଯୋଜନରେ ଏହି କ୍ଷେତ୍ରରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ବ୍ୟାପିଗଲା । ଭୂମି-ମୁଖ୍ୟ ଆର୍ଥିକ ସଂସାଧନ କାରଣରୁ ବ୍ରିଟିଶ ଦ୍ୱାରା ଭାରତରେ

ବିଭିନ୍ନ ଭୂ-ରାଜସ୍ୱ ବନ୍ଦୋବସ୍ତ ଯେପରି ସ୍ଥାୟୀ ବନ୍ଦୋବସ୍ତ, ରୟତୱାରୀ ବନ୍ଦୋବସ୍ତ, ମହଲୱାରୀ ବନ୍ଦୋବସ୍ତ ଆଦି ଆରମ୍ଭ କରାଗଲା, ଯାହାର ସ୍ଥାନୀୟ ସମାଜରେ ଜମି-ବଣ୍ଟନ ଏବଂ କ୍ଷମତା ବିତରଣ ଉପରେ ମହତ୍ୱପୂର୍ଣ୍ଣ ପ୍ରଭାବ ପଡିଲା । ନୂତନ ଭୂ-ବନ୍ଦୋବସ୍ତର ମୁଖ୍ୟ ଉଦ୍ଦେଶ୍ୟ ସରକାରଙ୍କ ରାଜସ୍ୱ ଆୟକୁ ବଢ଼ାଇବା ଏବଂ ସ୍ଥାନୀୟ ଏଜେଣ୍ଟ ବର୍ଗର ସୃଷ୍ଟି କରିବା ଯେଉଁମାନେ ବ୍ରିଟିଶ ସାମ୍ରାଜ୍ୟର ସମର୍ଥନ କରୁଥିଲେ । ଏହି ସବୁ କାରଣ କୃଷକ ଉପରେ ଅନର୍ଥକାରୀ ପ୍ରଭାବ ପଡିଲା ଏବଂ ରାଜସ୍ୱର ବର୍ଦ୍ଧିତ ଅସୁଲ ଫଳରେ ତାଲୁକଦାର ଏବଂ ଅନ୍ୟ ମୁଖିଆମାନେ ମଧ୍ୟ ବାଧ୍ୟ ହୋଇ ଜମି ବିକ୍ରି କରୁଥିଲେ । ସାହୁକାରୀ ଏବଂ ସମ୍ପତ୍ତି ନିଲାମୀ ଫଳରେ କୃଷକମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଦେଲା । ଇଂଲଣ୍ଡ ପ୍ରସ୍ତୁତ ବସ୍ତୁର ପ୍ରବାହନ ଏବଂ ଘରୋଇ ଉଦ୍ୟୋଗର ଉପେକ୍ଷା ଫଳରେ କାରୀଗର ଏବଂ ହସ୍ତଶିଳ୍ପୀମାନଙ୍କ ଉପରେ ଖରାପ ପ୍ରଭାବ ପଡିଲା ।


ଆର୍ଥିକ ଅଭିଯୋଗ ଅତିରିକ୍ତ ନିଜର ପୁରୁଣା ରୀତି-ନୀତି ଏବଂ ପରମ୍ପରାରେ ବ୍ରିଟିଶ ହସ୍ତକ୍ଷେପ ବିରୁଦ୍ଧରେ ସ୍ଥାନୀୟ ସମାଜରେ ସାମାଜିକ ସ୍ତରରେ ମଧ୍ୟ କଡା ପ୍ରତିକ୍ରିୟା ପ୍ରକାଶ ପାଇଲା । ସମାଜରେ ଜାତିଗତ ଶ୍ରେଷ୍ଠତାର ଦର୍ଶନ ବ୍ୟାପକ ହେବା କାରଣରୁ ବ୍ରିଟିଶ ଅଧିକାରିମାନଙ୍କର ଏକ ବର୍ଗ ଭାରତକୁ ଆଧୁନିକ ଏବଂ ସଭ୍ୟ ପ୍ରସ୍ତୁତ କରିବା କାର୍ଯ୍ୟରେ ନିୟୋଜିତ କରା ହୋଇଥିଲା । ଲୋକେ ବ୍ରିଟିଶମାନଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ସାମଜିକ ବିଧାନ ପ୍ରତି ଆତଙ୍କିତ ଥିଲେ । ବିଶେଷ ଭାବରେ ସତୀପ୍ରଥାର ଉଚ୍ଛେଦ ଏବଂ ବିଧବାମାନଙ୍କ ପୁନଃର୍ବିବାହ, ସାଧାରଣ ଜନତା ଉପରେ ନାକାରାତ୍ମକ ପ୍ରଭାବ ପଡିଲା । ଏହି ପରିବର୍ତ୍ତନକୁ ସ୍ଥାନୀୟ ପରମ୍ପରା ଓ ସଂସ୍କୃତିରେ ହସ୍ତକ୍ଷେପ ବୋଲି ଜଣାଗଲା । ଏହା ସହିତ ଲୋକମାନଙ୍କର ଧର୍ମାନ୍ତକରଣ କରି ଇସାଇରେ ପରିବର୍ତ୍ତନ କରିବା ଭୟ ମଧ୍ୟ ସୃଷ୍ଟି ହୋଇଗଲା । ଏହି ସବୁ ବିଷୟ ଲୋକମାନଙ୍କୁ ବ୍ରିଟିଶ ରାଜ ପ୍ରତି ବିମୁଖତା ସୃଷ୍ଟି କଲା ।

ସିପାହୀମାନଙ୍କ ମଧ୍ୟରେ ଥିବା କ୍ଷୋଭ ସେମାନଙ୍କର ନିଜସ୍ୱ କାରଣ ଥିଲା । ସିପାହୀମାନେ ସ୍ୱଳ୍ପ ବେତନ ଓ ପଦନ୍ନୋତି, ପେନସନ ଏବଂ ଚାକିରି ସର୍ତ୍ତାବଳୀ ପରି ବର୍ଣ୍ଣଗତ ଭେଦଭାବ ଯୋଗୁଁ ଅସନ୍ତୁଷ୍ଟ ଥିଲେ । ସୈନ୍ୟମାନେ ମୁଖ୍ୟତଃ କୃଷକ ପରିବାରରୁ ଆସିଥିବାରୁ ସେମାନେ ବ୍ରିଟିଶମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ନୂତନ ଭୂ-ବନ୍ଦୋବସ୍ତରେ ମଧ୍ୟ ଅସନ୍ତୋଷ ଥିଲେ । ଏହା ସତ୍ୟ ଯେ ସିପାହୀମାନେ ବିଭିନ୍ନ କାରଣରୁ ଉତ୍ତେଜିତ ଥିଲେ କିନ୍ତୁ ସେମାନଙ୍କର ତତ୍‌କାଳ କ୍ରୋଧର କାରଣ ଥିଲା ସେମାନଙ୍କର ଶଙ୍କା ଯେ ଶହ ଶହ ବର୍ଷ ପୁରୁଣା ସମାଜର ସେମାନଙ୍କର ସାଂସ୍କୃତିକ ଲୋକାଚାରକୁ ଛାଡିବା ପାଇଁ ପଡିବ । ଠିକ ୧୮୫୭ ବିପ୍ଳବ ପୂର୍ବରୁ ଅଟା ବସ୍ତା ଭିତରେ ହାଡଗୁଣ୍ଡ ମିଶା ଯାଇଛି ବୋଲି ଅପପ୍ରଚାର ବ୍ୟାପିଗଲା । ଇଂଲିସ ରାଇଫଲର କେଟରିଜ, ଯାହା ବନ୍ଧୁକରେ ବ୍ୟବହାର ହେବା ପୂର୍ବରୁ ଦାନ୍ତରେ ଛିଡାଇବାକୁ ପଡୁଥିଲା, ସେଗୁଡିକ ଗୋରୁ ଏବଂ ଘୁଷୁରି ଚର୍ବିରେ ସିକ୍ତ ଥିଲା । ଏହା ବିଶ୍ୱାସ କରାଯାଉଥିଲା ଯେପରି ଉଭୟ ହିନ୍ଦୁ ଏବଂ ମୁସଲମାନ ସୈନ୍ୟମାନଙ୍କର ଧର୍ମ ଭାବନା ଉପରେ ଏକ ଆକ୍ରମଣ । ଦିଲ୍ଲୀରେ ଜାରି ଘୋଷଣାରେ ସିପାହୀମାନଙ୍କର ଭାବନାକୁ ସଠିକ୍ ଭାବରେ ଦର୍ଶା ଯାଇଥିଲା । ଏହା ସର୍ବବିଦିତ ଅଟେକି ଏହି ଦିନମାନଙ୍କରେ ସମସ୍ତ ଇଂରେଜ ଏହି ହାନିକର ମନସ୍ତତ ଉପରେ ବିଚାର କରୁଅଛନ୍ତି-"ପ୍ରଥମେ ସମଗ୍ର ହିନ୍ଦୁସ୍ଥାନୀ ସେନାର ଧର୍ମ ଭ୍ରଷ୍ଟ କରିବା ଆଉ ସମସ୍ତଙ୍କୁ ଜବରଦସ୍ତି ଖ୍ରୀଷ୍ଟିୟାନ କରିବା । ଏଇଥିପାଇଁ ଆମେ କେବଳ ସ୍ୱଧର୍ମ କାରଣରୁ

ଲୋକଙ୍କ ସହିତ ଜୋଡି ଅଛୁ ଓ ଆମ୍ଭେ ଜଣେ ମାତ୍ର ନାସ୍ତିକଙ୍କୁ ଜୀବିତ ଛାଡି ନାହୁଁ ତଥା ଆମେ ଏହି ସତ୍ତା ଉପରେ ଦିଲ୍ଲୀ ରାଜବଂଶର ପୁନଃ ସ୍ଥାପନ କରୁଅଛୁ ।

**ବିଦ୍ରୋହର କାର୍ଯ୍ୟ ପ୍ରଣାଳୀ**

ପ୍ରାରମ୍ଭିକ ଉପଦ୍ରବ ମାର୍ଚ୍ଚ, ୧୮୫୭ରେ ସେହି ସମୟରେ ପ୍ରାରମ୍ଭ ହେଲା ଯେତେବେଳେ କଲିକତା ନିକଟରେ ଥିବା ବାରାକପୁରରେ ମଙ୍ଗଲ ପାଣ୍ଡେ ନାମକ ସିପାହୀ ଅନ୍ୟ ସିପାହୀମାନଙ୍କୁ ବ୍ରିଟିଶ ସେନା ଅଧିକାରୀମାନଙ୍କ ବିରୋଧରେ ବିଦ୍ରୋହ କରିବା ପାଇଁ ଆହ୍ୱାନ ଦେଲେ ଏବଂ ସେ ବ୍ରିଟିଶ ଏଡଜୁଟେଣ୍ଟଙ୍କୁ ମାରି ହତ୍ୟାକଲେ । ପରବର୍ତ୍ତୀ ସମୟରେ ମଙ୍ଗଲ ପାଣ୍ଡେଙ୍କୁ ଗିରଫ



ଚିତ୍ର ୧୯.୧ ବାହାଦୁର ଶାହା (୨) ଜାଫର
ଶେଷ ମୋଗଲ ଶାସକ ସ୍ୱାଧୀନତା ସଂଗ୍ରାମୀ



ଚିତ୍ର ୧୯.୨ ଝାନ୍ସୀର ରାଣୀ
ଲକ୍ଷ୍ମୀବାଇ ସ୍ୱାଧୀନତା ସଂଗ୍ରାମ



ଚିତ୍ର ୧୯.୩ ତାନ୍ତିଆ ଟୋପେ



ଚିତ୍ର ୧୯.୪ ନାନା ସାହେବ

କରି ଫାଶି ଦିଆଗଲା । ଏହାପରେ ୧୮୫୭ରେ ମିରଠ ଠାରେ ଭାରତୀୟ ସିପାହିମାନଙ୍କର ରେଜିମେଣ୍ଟଗୁଡିକ ବ୍ରିଟିଶ ଅଧିକାରିମାନଙ୍କୁ ହତ୍ୟାକଲେ, ଜେଲ ଭାଙ୍ଗିଦେଲେ, ନିଜ ସାଥୀମାନଙ୍କୁ ମୁକ୍ତି କରିଦେଲେ ଏବଂ ଇଂରେଜଠାରୁ ପେନସନ ପାଉଥିବା ମୋଗଲ ସମ୍ରାଟ ବାଦଶାହ ବାହାଦୁରଶାହା ଜାଫର ଦ୍ୱିତୀୟଙ୍କୁ ନେତା କରିବା ପାଇଁ ଦିଲ୍ଲୀ ଆଡକୁ ମାଡି ଚାଲିଲେ । ବ୍ରିଟିଶ ଶାସନ ସମାପ୍ତ ହେଲା ବୋଲି ଚାରିଆଡେ ଅପପ୍ରଚାର ବ୍ୟାପିଗଲା ତଥା ଅତିଶୀଘ୍ର ବିଦ୍ରୋହ ଉତ୍ତର ଭାରତ ଓ ମଧ୍ୟ ଭାରତର ଅନ୍ୟ ଭାଗରେ ବ୍ୟାପିଗଲା । ଅବାଧରେ ସିପାହୀମାନେ ଘୋଷଣା କରିଦେଲେ କି ସିପାହୀ ରାଜ ଆସିଗଲା । ବ୍ରିଟିଶ ରାଜ ବିରୁଦ୍ଧରେ ଅସନ୍ତୋଷ ଏବଂ ସେମାନଙ୍କ ମାୟା ଜାଲରୁ ମୁକ୍ତି ଫଳରେ ଅନେକ ସ୍ଥାନୀୟ ପ୍ରମୁଖ, କୃଷକ, କାରୀଗର, ସରକାରୀ କର୍ମଚାରୀ, ଧାର୍ମୀୟ ବିଧିର ଉପଚାର କରୁଥିବା ଆଦି ବ୍ୟକ୍ତିମାନଙ୍କୁ ଏହି ବିଦ୍ରୋହ ଏକଜୁଟ କରି ଦେଇଥିଲା । ଅବାଧରେ ଏହି ବିଦ୍ରୋହ ଲଖନଉ, କାନପୁର, ଇଲ୍ଲାହାବାଦ, ବନାରସ, ରୋହିଲାଖଣ୍ଡ, ବୁନ୍ଦେଲଖଣ୍ଡ, ଗୋଆଲିଅର, ଝାନସି ଏବଂ ବିହାରରେ ବ୍ୟାପିଗଲା । ଏହି କ୍ଷେତ୍ରମାନଙ୍କରେ ବିଦ୍ରୋହକୁ ସାଧାରଣ ଜନ ସମୁଦାୟଠାରୁ ବ୍ୟାପକ ସମର୍ଥନ ମିଳିଲା । ଏହି ବିଦ୍ରୋହକୁ କେତେକ ମହତ୍ୱପୂର୍ଣ୍ଣ ନେତାମାନେ ରାଣୀ ଲକ୍ଷ୍ମୀବାଇ, ତାନ୍ତିଆ ଟୋପେ, ବେଗମ ହଜରତ ମହଲ, ନାନା ସାହେବ ଓ କୁଅଁର ସିଂ ଆଦି ଥିଲେ ।

**ପାଠଗତ ପ୍ରଶ୍ନ ୧୯.୩**

୧. ଭାରତୀୟ ସିପାହୀମାନଙ୍କ ଅସୁବିଧା କ'ଣ ଥିଲା ?

..............................................................................................

୨. ୧୮୫୭ ବିଦ୍ରୋହରେ କୌଣସି ପାଞ୍ଚ ମହତ୍ୱପୂର୍ଣ୍ଣ ନେତାଙ୍କର ନାମ କୁହନ୍ତୁ ।

..............................................................................................

## ୧୯.୫ ଏହି ବିଦ୍ରୋହର ସ୍ୱରୂପ ଏବଂ ପରିଣାମ

### ସ୍ୱରୂପ

୧୮୫୭ ବିଦ୍ରୋହର ସ୍ୱରୂପ ସମ୍ବନ୍ଧରେ ଐତିହାସିକମାନଙ୍କର ଭିନ୍ନ ଭିନ୍ନ ବିଚାର ଧାରା ରହିଛି । ବ୍ରିଟିଶ ଇତିହାସକାରମାନେ ଏହି ବିଦ୍ରୋହର ବାଖ୍ୟା ସିପାହୀ ବିଦ୍ରୋହ ରୂପେ ବର୍ଣ୍ଣନା କରିଛନ୍ତି । ସ୍ଥାନୀୟ ଲୋକମାନଙ୍କ ଦୁର୍ଦ୍ଦଶା ଏବଂ ଏହି ଆନ୍ଦୋଳନରେ ସେମାନଙ୍କର ଭାଗିଦାରୀକୁ ଅଣଦେଖା କରିବା ହେତୁ ବ୍ରିଟିଶ ଇତିହାସକାରମାନଙ୍କ ବିଶ୍ୱାସ ଥିଲା ଯେ ଏହି ବିଦ୍ରୋହକୁ ସିପାହୀମାନେ, କିଛି ଭୂମି ମାଲିକ ଏବଂ ରାଜା ସେମାନଙ୍କର ନିହିତ ସ୍ୱାର୍ଥ ପାଇଁ ଆରମ୍ଭ କରିଥିଲେ । ୧୮୫୭ ଉପରେ ବର୍ତ୍ତମାନର ଗବେଷକ ମତ ଦିଅନ୍ତି ବ୍ୟକ୍ତିଗତ ସ୍ୱାର୍ଥ ପ୍ରଚୋଦନା ଅଲୋକପ୍ରିୟ ବ୍ରିଟିଶ ଶାସନକୁ ମିଳିତ ବିରୋଧତା ସମ୍ମୁଖରେ ସ୍ୱାର୍ଥପୂର୍ଣ୍ଣ ପ୍ରୟୋଜନର ଅଧିକ ମହତ୍ୱ ରହି ନଥାଏ ।



ନୋଟସ୍

୧୮୫୭ର ବିପ୍ଳବକୁ କେତେକ ଐତିହାସିକ ପ୍ରଥମ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ବୋଲି ମତ ଦିଅନ୍ତି । ଯେଉଁମାନେ ଏହି ବାଖ୍ୟାକୁ ସମ୍ମତି ପ୍ରଦାନ କରନ୍ତି ନାହିଁ ସେମାନେ ଯୁକ୍ତି ବାଢ଼ନ୍ତି ଯେ ବିପ୍ଳବି ନେତାମାନେ ଏକ ନୂତନ ସାମାଜିକ ଶୃଙ୍ଖଳା ସ୍ଥାପନା ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ସେମାନେ ଦ୍ୱିତୀୟ ବାହାଦୁର ଶାହାଙ୍କୁ ଆମନ୍ତ୍ରଣ କରି ପୁରୁଣା ମୋଗଲ ଶାସନକୁ ପୁନଃ ସ୍ଥାପନ କରିବାକୁ ଚେଷ୍ଟା କରୁଥିଲେ । ଏହା କୁହାଯାଉଥିଲା ଯେ ଯଦିଚ ଭାରତୀୟମାନଙ୍କର ଉଦ୍ୟମ ଏବଂ ପ୍ରାଥମିକତା ପରିବର୍ତ୍ତନର ଅନୁଭୂତିରେ କେନ୍ଦ୍ରିତ ଥିଲା, ତଥାପି ୧୮୫୭ରେ କୌଣସି ଜାତୀୟ ଆନ୍ଦୋଳନ ହୋଇ ନଥିଲା । ସେମାନଙ୍କର ଅସନ୍ତୋଷରୁ ସୃଷ୍ଟି ହୋଇଥିବା ଆନୁଗତ୍ୟ ଏବଂ ଆଭିମୁଖ୍ୟ ମୁଖ୍ୟତଃ ବିଭାଜିତ ହୋଇ ଯାଇଥିଲା ଏବଂ ସେମାନେ ଏକ ପୁରୁଣା ସମାଜକୁ ଅବଲୋକନ କରୁଥିଲେ ଯାହା ସେ ସମୟରେ ଉପଯୋଗି ନଥିଲା । ଏପରି ଭାବରେ ଏହା ଏକ ବିପ୍ଳବ ନୁହେଁ ପରନ୍ତୁ ଏହା କେବଳ ପୁନଃରୁତ୍ଥାନ ।

୧୮୫୭ ବର୍ତ୍ତମାନର ଅଧ୍ୟୟନ ଏହି ବିଦ୍ରୋହରେ ଜନାଦୃତ ଅଂଶ ଗ୍ରହଣକୁ କେନ୍ଦ୍ରିଭୁତ କରୁଥିଲା । ସିପାହୀ ଏବଂ ତାଲୁକଦାରଙ୍କ ସହିତ ଗ୍ରାମିଣ କୃଷକମାନେ ବିପ୍ଳବରେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । ଅବଧରେ ଏହା ଦେଖାଗଲା ଯେ ତାଲୁକଦାର ଏବଂ କୃଷକ ମିଳିତ ଭାବରେ ଆକ୍ରମଣ ଆରମ୍ଭ କରିଥିଲେ । ଏପରିକି ଅନେକ ସ୍ଥାନରେ ଯେତେବେଳେ ତାଲୁକଦାରମାନେ ବ୍ରିଟିଶମାନଙ୍କ ସହିତ ଶାନ୍ତି ସ୍ଥାପନା କରୁଥିଲେ ସେତେବେଳେ କୃଷକମାନେ ଆନ୍ଦୋଳନ ଜାରି ରଖିଥିଲେ । ସିପାହୀମାନେ ସେମାନଙ୍କ ଗ୍ରାମରେ ପରିବାର ସ୍ୱଜନଙ୍କ ସହିତ ସମ୍ପର୍କ ରକ୍ଷା କରିଥିଲେ ତଥା ସିପାହୀମାନଙ୍କର ଏହି ବିଦ୍ରୋହ ବ୍ରିଟିଶ ଶାସନ ବିରୁଦ୍ଧରେ ସେମାନଙ୍କର ଅଭିଯୋଗକୁ ଜନତାଙ୍କ ସାମନାରେ ରଖିବା ପାଇଁ ନାଗରିକ ଜନ ସମୁଦାୟଙ୍କୁ ପ୍ରଭାବିତ କଲା । ଏହି ପ୍ରକାର ୧୮୫୭ର ବିଦ୍ରୋହ ଲୋକପ୍ରିୟ ବିଦ୍ରୋହର ରୂପ ନେଲା ।

**ବିଦ୍ରୋହ ବିଫଳତାର କାରଣ**

୧୮୫୭ ବିପ୍ଳବରେ ଲୋକପ୍ରିୟ ଅଂଶଗ୍ରହଣ ସତ୍ତ୍ୱେ, ବିପ୍ଳବୀମାନେ ପରିଶେଷରେ ବ୍ରିଟିଶ୍ ମାନଙ୍କ ଠାରେ ଆତ୍ମ ସମର୍ପଣ କରିବାକୁ ବାଧ ହୋଇଥିଲେ । ଏହି ବିଦ୍ରୋହର ପତନ ପାଇଁ ନିମ୍ନଲିଖିତ କାରଣମାନ ନୀହିତ ହୋଇଥିଲା ।

- ବିଦ୍ରୋହୀମାନଙ୍କୁ ସ୍ୱଳ୍ପ ପରିମାଣରେ ଅସ୍ତ୍ରଶସ୍ତ୍ର ଯୋଗାଣ ହୋଇଥିଲା ।
- ବିଦ୍ରୋହୀମାନଙ୍କ ମଧ୍ୟରେ ଯୋଗାଯୋଗ ଏବଂ କେନ୍ଦ୍ରୀୟ ନେତୃତ୍ୱରେ ଅଭାବ ଥିଲା ।
- ବ୍ରିଟିଶ ମାନଙ୍କଠାରେ ପର୍ଯ୍ୟାପ୍ତ ସଂସାଧନ ଏବଂ ଉନ୍ନତ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଥିଲା ।
- କେବଳ ବିଦେଶି ଶାସନ ଉପରେ ଅବିଶ୍ୱାସ ବ୍ୟତୀତ ବିପ୍ଳବୀମାନଙ୍କର ଏକ ଭବିଷ୍ୟତ ରାଜନୈତିକ କାର୍ଯ୍ୟଧାରା ନଥିଲା ।
- ଆନ୍ଦୋଳନରେ ଲୋକପ୍ରିୟତା ଚରିତ୍ର ବ୍ୟତୀତ, ଏଥିରେ ବ୍ରିଟିଶ୍‌କୁ ସମଳନ କରୁଥିବା ବଣିକ, ବୁଦ୍ଧିଜୀବି ଏବଂ ଅନେକ ସ୍ଥାନୀୟ ରାଜାମାନଙ୍କର ଆନ୍ଦୋଳନ ସପକ୍ଷକୁ ଆଣିବାରେ ଅସମର୍ଥ ହୋଇଥିଲେ ।

**ବିପ୍ଳବର ମହତ୍ୱ:**

ବ୍ରିଟିଶ୍ ଜଦିଚ ବିଦ୍ରୋହକୁ ଦମନ କରିବାରେ ସମର୍ଥ ହୋଇଥିଲେ ମଧ୍ୟ ଜନ ଅସନ୍ତୋଷକୁ ହୃଦୟଙ୍ଗମ କରିପାରିଥିଲେ। ଭାରତ ନୀତି ପୁନର୍ବିଚାର କରିବା ପାଇଁ ୧୮୫୭ ମସିହାର ଘଟଣା ବ୍ରିଟିଶ୍ ମାନଙ୍କୁ ବାଧ କରିଥିଲା; ସେଥିପାଇଁ ବପ୍ଳବ ପରେ ଏଭଳି ଆନ୍ଦୋଳନ ଭବିଷ୍ୟତରେ ପ୍ରତିରୋଧ କରିବାପାଇଁ କାର୍ଯ୍ୟପନ୍ଥା ଗ୍ରହଣ କଲେ, ସ୍ଥାନୀୟ ରାଜାମାନଙ୍କର ବିଶ୍ୱାସ ଫେରାଇ ଆଣିବାପାଇଁ ବ୍ରିଟିଶ୍‌ମାନେ ଗୋଟିଏ ଘୋଷଣାକଲେ ଯେ ସେମାନେ ଆଉ ଅଧିକ ରାଜ୍ୟ ବିସ୍ତାର କରିବେ ନାହିଁ। ଅନୁଗାମୀ ଦେଶୀୟ ରଜାମାନଙ୍କୁ ବିଶେଷ ମାନପତ୍ର ପୁରସ୍କାର ପ୍ରଦାନ କରାଗଲା। ସେନାରେ ଚୟନ ପ୍ରକ୍ରିୟାରେ ସମ୍ପ୍ରଦାୟ, ମତି, ଜନଜାତି ଏବଂ ଆଞ୍ଚଳିକ ଆନୁଗତ୍ୟତାକୁ ଉତ୍ସାହିତ କରାଗଲା। ଜାତି, ଧର୍ମ ଏବଂ ଆଞ୍ଚଳିକତା ପରିଚୟକୁ ଉପଯୋଗ କରି ବ୍ରିଟିଶ୍‌ମାନେ ବିଭାଜନ ଏବଂ ଶାସନ ର (Divide and Rule) ର ପନ୍ଥା ଅବଲମ୍ବନ କରିଥିଲେ। ୧୮୫୭ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପରିଣତି ଥିଲା ୧୮୫୮ର ରାଜକୀୟ ଘୋଷଣାପତ୍ର ଏହି ଭାରତ ଘୋଷଣାପତ୍ର ଦ୍ୱାରା ଭାରତ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଶାସନକୁ ପ୍ରତ୍ୟହାର କରି ବ୍ରିଟିଶ୍ ରାଜା ସିଧା ସଳଖ ଭାବରେ ଭାରତ ଶାସନ ଗ୍ରହଣ କଲେ।

ପରିଶେଷରେ ଜଦିଚ ବିପ୍ଳବର ପତନ ଘଟିଲା, ବିଟିଶ୍‌ମାନଙ୍କ ବିରୁଦ୍ଧରେ ସେମାନଙ୍କର ବୀରତ୍ୱ ସଂଗ୍ରାମ ଜନ ମାନସରେ ଏକ ଗଭୀର ରେଖାପାତ କଲା, ଉନ୍ନବିଂଶ ଶତାବ୍ଦୀରେ ଥିବା ଭାରତୀୟ ଜାତୀୟତାର ଉପଦେଶ ଯାହା ଏକ ବିକଶିତ ଅବସ୍ଥାରେ ଥିଲା, ତାହା ଏହି ବିପ୍ଳବ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଥିଲା।

**ପାଠାନ୍ତ ପ୍ରଶ୍ନ ୧୯.୪**

୧) କେବେ ଏବଂ କାହିଁକି ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ ପ୍ରତ୍ୟାହୃତ ହୋଇଥିଲା ?

୨) ବିପ୍ଳବର ପ୍ରମୁଖ ତିନୋଟି ବିଫଳତାର କାରଣ ଉଲ୍ଲେଖ କର ?

**ତୁମେ କ'ଣ ଶିଖିଲ ?**

ଆମେ ଏହି ପାଠ୍ୟରେ ଶିଖିଲୁ ଯେ ଭାରତରେ ବ୍ରିଟିଶ୍ ଶାସନର ପରିଣାମ ଭାରତକୁ ବ୍ରିଟିଶ୍ ସାମ୍ରାଜ୍ୟର ଏକ ଉପନିବେଶରେ ପରିବର୍ତ୍ତନ କରିଥିଲା। କୃଷକମାନେ ସେମାନଙ୍କର ଜମିରୁ ଉଚ୍ଛେଦିତ ହୋଇ ସେମାନେ ସେମାନଙ୍କର ନିଜ ଜମିରେ ଶ୍ରମୀକ ହୋଇଯାଇ ଥିଲେ। ବିଭିନ୍ନ ପ୍ରକାରର ଟିକସ ସେମାନଙ୍କ ଜୀବ ଜୀବିକାକୁ ଦୁଃଖଦ ପୂର୍ଣ୍ଣ କରିନଇଥିଲେ। ବ୍ରିଟିଶ୍ ପ୍ରସ୍ତୁତତ ସାମଗ୍ରୀ ଗୁଡ଼ିକର ଆମଦାନି ଫଳରେ, କ୍ଷୁଦ୍ର ଶିଳ୍ପ ଗୁଡ଼ିକରେ ନିଯୁକ୍ତି ପାଇଥିବା ଭାରତୀୟ ଶିଳ୍ପ ଗୁଡ଼ିକ ବନ୍ଦ କରିଦେବାପାଇଁ ବାଧ ହୋଇଥିଲେ। ବ୍ରିଟିଶ୍ ଶସାନର ଏପରି ସମସ୍ତ ପରିବର୍ତ୍ତନ ଏବଂ ଅନାଦୃତ ବ୍ୟବହାର କୃଷକ ମାନଙ୍କୁ ଇଂରେଜ ମାନଙ୍କ ବିରୁଦ୍ଧରେ ବିପ୍ଳବ ମାଧ୍ୟମରେ ଦୁଃଖ ଜଣାଉ ଥିଲେ। ଜାହା ହେଉନା କାହିଁକି ଏହି ସଂଗ୍ରାମ ଗୁଡ଼ିକ ଭାରତରେ ବ୍ରିଟିଶ୍ ରାଜ୍ୟକୁ ଭବିଷ୍ୟତ ଆହ୍ୱାନର ବାଟ ଫିଟାଇଥିଲା। ବ୍ରିଟିଶ୍ ସୁସଜ୍ଜିତ ସାମରିକ ବାହିନି ଆଗରେ ବିଦ୍ରୋହ ଗୁଡ଼ିକ ସଫଳ ହୋଇପାରିନଥିଲେ। ଏହି ପରିପ୍ରେକ୍ଷୀରେ ୧୮୫୭ର ବିଦ୍ରୋହ ଜାତି ସମ୍ପ୍ରଦାୟ ଏବଂ ଶ୍ରେଣୀ ଇତ୍ୟାଦି ବାଧାବିଘ୍ନ ମାନ ଅତିକ୍ରମ କରି ବ୍ରିଟିଶ୍ ରାଜକୁ ପ୍ରଥମେ ଏକ ସଂଗଠିତ ଆହ୍ୱାନ ପ୍ରଦାନ କରି ଏକ ଉଦାହରଣ ସୃଷ୍ଟି



ନୋଟସ୍

କରିଥିଲେ । ଯଦିଚ ବିଦ୍ରୋହର ସମସ୍ତ ପରିଶ୍ରମ ଅସଫଳ ହେଲା, ବ୍ରିଟିଶ୍ ସରକାର ଉପରେ ଭାରତପାଇଁ ସେମାନଙ୍କର ଆଭିମୁଖ୍ୟ ବଦଳାଇଲେ ।

## ପାଠଗତ ପ୍ରଶ୍ନ

୧. ୧୮୫୭ ପୂର୍ବ ବିଦ୍ରୋହ ଗୁଡ଼ିକର ପ୍ରକୃତି ସମ୍ବନ୍ଧରେ ଉତ୍ତର ଦିଅ ।

୨. ୧୮୫୭ ବିଦ୍ରୋହର କାରଣମାନ ଆଲୋଚନା କର ।

୩. ୧୮୫୭ ବିଦ୍ରୋହର ମହତ୍ୱ ବ୍ୟାଖ୍ୟାକର ।

## ପାଠାନ୍ତର ପ୍ରଶ୍ନମାନଙ୍କର ଉତ୍ତର

**୧୯.୧**

୧. ସେମାନଙ୍କର ଜମି ମାଲିକାନା ବିକ୍ରିକରି ।

୨. ବ୍ରିଟିଶ୍ ସରକାରଙ୍କର ଅଧିକାରୀମାନେ, ଜମିଦାର, ସାହୁକାର ।

**୧୯.୨**

୧. ବେଙ୍ଗଲ, ବିହାର ଏବଂ ଓଡ଼ିଶାର ସୀମା

୨. ବଙ୍କିମ ଚନ୍ଦ୍ରଙ୍କ ଦ୍ୱାରା ଲିଖିତ ଆନନ୍ଦ ମଠ ।

**୧୯.୩**

୧. ସ୍ୱଳ୍ପ ବେତନ, ପଦୋନ୍ନତିରେ ସାମାଜିକ ଭେଦଭାବ

୨. ରାଣୀ ଲକ୍ଷ୍ମୀବାଇ, ତାନ୍ତିଆ ତୋପେ, ବେଗମଦଜରତ ମହଲ, ନାନା ସାହେବ ଆରର କୁନୱାର ସିଂହ ।

**୧୯.୪**

୧.୧୮୫୮ରେ ବ୍ରିଟିଶ୍‌ମାନଙ୍କ ଦ୍ୱାରା ରାଜକୀୟ ଘୋଷଣାନାମରେ

**ମଧ୍ୟବର୍ତ୍ତୀ ପାଠ୍ୟର ସଂକେତ**

୧. ଦେଖନ୍ତୁ ବିଭାଗ ୧୯.୨, ୧୯.୩

୨. ଦେଖନ୍ତୁ ବିଭାଗ ୧୯.୪

୩. ଦେଖନ୍ତୁ ବିଭାଗ ୧୯.୫ ଭାଗ ୪